# ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇବେ ଦିଲ୍ଲୀପ, ନରେନ୍ଦ୍ର

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ୍ ପୁରସ୍କାର-୨୦୨୨ ବୁଧବାର ଘୋଷଣା କରାଯାଇଛି। ଶିଶୁ ସାହିତ୍ୟିକ ତଥା ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ଦାସ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଆ ଭାଷାରେ ରଚିତ ତାଙ୍କ କ୍ଷୁଦ୍ର ଗଳ୍ପ ପୁସ୍ତକ 'କୋଳାହଳ ନା ହଳାହଳ' ପାଇଁ ସେ ଏହି ପୁରସ୍କାର ପାଇବେ। ଉକ୍ତ ପୁରସ୍କାର କମିଟିରେ ପ୍ରଫେସର ଆଦିକନ୍ଦ ସାହୁ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ଗାୟତ୍ରୀ ସରାଫ୍ ଜୁରି ସଦସ୍ୟ ରହିଥିଲେ। ଚଳିତ ବର୍ଷ ୨୩ଟି ଭାଷାରେ


ନରେନ୍ଦ୍ର ଦାସ


ଦିଲ୍ଲୀପ ବେହେରା

ଏହି ପୁରସ୍କାର ଦିଆଯାଉଛି। ସେହିପରି ଯୁବ ଲେଖକ ତଥା ଚିକିତ୍ସକ ଦିଲ୍ଲୀପ ବେହେରା ତାଙ୍କ ରଚିତ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଲଣ୍ଡନ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇବେ। ୨୪ଟି ଭାଷାରେ ଏହି ପୁରସ୍କାର ଦିଆଯାଉଥିବା ବେଳେ ମରାଠୀ

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

ଭାଷାର ଚୟନ ବିଳମ୍ବରେ ଘୋଷଣା କରାଯିବ। ଭଗବାନ ଜୟସିଂହ, ଗାୟତ୍ରୀବାଳା ପଣ୍ଡା ଓ ଗୁରୁପ୍ରୀତ କୌର ଗିଲ୍ ଏହି ପୁରସ୍କାର କମିଟିରେ ଜୁରି ସଦସ୍ୟ ରହିଥିଲେ। ଆସନ୍ତା ନଭେମ୍ବର ୧୪ରେ ନୂଆଦିଲ୍ଲୀରେ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ବାବଦରେ ନଗଦ ୫୦ହଜାର ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀର ଆବାହକ ବିଜୟାନନ୍ଦ ସିଂ ଏ ନେଇ ସୂଚନା ଦେଇଛନ୍ତି।